## କାର୍ ଧକ୍କାରେ ବାଇକ୍ ଚାଳକ ମୃତ

**ବେତନଟୀ:** ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ତାରାକୋଟି ଛକଠାରେ ବୁଧବାର ରାତିରେ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ମୃତକ ହେଲେ ବାରିପଦା ତୁଳସୀଚଉରା ଅଞ୍ଚଳର ରଞ୍ଜନ ଦାସ।



## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ଯୁବକ ନିଖୋଜ

ପାଟଣା,୧୧।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ଆର୍‌ଆଇ ସର୍କଲ ବାଲିଯୋଡ଼ି ଦେଇ ପ୍ରବାହିତ ବୈତରଣୀ ନଦୀର ଭୀମକୁଣ୍ଡକୁ ବୁଧବାର ଅପରାହ୍ନରେ ମାଛ ଧରିବାକୁ ଯାଇଥିବା ଜଣେ ଯୁବକ ନିଖୋଜ ଅଛନ୍ତି। ସେ ହେଲେ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମ ଝିଙ୍କବାହାଲି ସାହିର ଶିକର ନାଏକଙ୍କ ପୁଅ ଦୀପକ। ଖବରପାଇ ଗୁରୁବାର ସକାଳୁ ପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୈତରଣୀ ନଦୀର ବିଭିନ୍ନ ଘାଟ ଓ ସ୍ରୋତରେ ଖୋଜା ଖୋଜି କରିବା ପରେ ବି ଦୀପକଙ୍କର ପତ୍ତା ମିଳି ପାରିନାହିଁ। ଉଲ୍ଲେଖଯୋଗ୍ୟ, ଦୀପକ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳୀରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଥିଲେ।

### ଘର ସହ ପୋଡ଼ିଗଲେ ଶିଶୁ କନ୍ୟା

କପ୍ତିପଦା,୧୧।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଭଣ୍ଡାର ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଘରେ ନିଆଁ ଲାଗି ଜଣେ ଶିଶୁ କନ୍ୟା ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଉକ୍ତ ଗ୍ରାମର ଚୈତନ୍ୟ ମହାକୁଡ଼ଙ୍କ ଦୁଇ ମାସର ଝିଅ ଶିବାନୀ ଚୁଲି ପାଖ ଏକ ଖଟିଆରେ ଶୋଇଥିଲେ। ପରିବାର ଲୋକେ ଚୁଲିରେ କାଠ ଲଦି ବାହାରକୁ ଯାଇଥିଲେ। ଏହି ସମୟରେ କାଠ ଜଳିଉଠିବା ସହ ଘରେ ନିଆଁ ଲାଗି ଯାଇଥିଲା। ଏହି ନିଆଁରେ ଖଟିଆରେ ଶୋଇଥିବା ଶିବାନୀ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଲା ବେଳେକୁ ଶିବାନୀଙ୍କ ମୃତ୍ୟୁ ହୋଇଯାଇଥିଲା।

### ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା' ମନ୍ଦିରରେ ରାଖୀ ପୂର୍ଣ୍ଣିମା ପାଳିତ

ଭଣ୍ଡାରିପୋଖରୀ, ୧୧।୮(ସ୍ୱ.ପ୍ର.) ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ରାଖୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଚୁନିଦାଠାରେ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା' ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ରାଖୀ ବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା। ମନ୍ଦିରର ପ୍ରତିଷ୍ଠାତା ଭଉଣୀ ବାସନ୍ତୀଲତା ପରିଡ଼ା, ପାର୍ବତୀ ବହଳ, ସରସ୍ୱତୀ ଦାସ, ମାଳତୀ ବେହେରା, ଆରତି ବେହେରା, କୁମୁଦିନୀ ବେହେରା, ରିତାରାଣୀ ପରିଡା, ରଞ୍ଜିତା ସ୍ୱାଇଁ, ଭାରତୀ ବେହେରା, ରେବତୀ ବେହେରା ପ୍ରମୁଖ ଯୋଗଦେଇ ବରିଷ୍ଠ ଖବରଦାତା ତଥା ଯୁବ ଯାଦବ ମହାସଭାର ରବି ନାରାୟଣ ଖୁଲାର, ସମ୍ପାଦକ ସନ୍ତୋଷ ଦାସ, ପ୍ରାକ୍ତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ଆବାହକ କୃଷ୍ଣଚନ୍ଦ୍ର ବେହେରା, ଅଜୟ ବହଳ, ସାମାଜିକ କର୍ମୀ ଗୌରୀଗୋପାଳ ଜେନା, ସଞ୍ଜୟ ବଳ, ଶ୍ୟାମସୁନ୍ଦର ସେଠୀ ପ୍ରମୁଖଙ୍କ ହାତରେ ରାଖୀ ବାନ୍ଧିଥିଲେ। ପୂଜକ ଦିବ୍ୟଜ୍ୟୋତି ସାଇନ୍ତ ମଧ ଉପସ୍ଥିତ ବହୁ ଭକ୍ତଙ୍କ ହାତରେ ରାଖୀ ବାନ୍ଧିଥିଲେ। ଶେଷରେ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା।

# ଓଡ଼ିଶା କୋଷ୍ଟ କେନାଲର ପୁନରୁଦ୍ଧାର ହେଉ

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

ଭଦ୍ରକ ଅଫିସ, ୧୧।୮

ଜାତୀୟ ଜଳପଥ-୫ ଅଧୀନରେ ଓଡ଼ିଶା କୋଷ୍ଟ କେନାଲର ପୁନରୁଦ୍ଧାର, ସାଗରତଟ ସମୃଦ୍ଧି ଯୋଜନାରେ ଉପକୂଳ ଅଞ୍ଚଳର ଭିତ୍ତିଭୂମି ପ୍ରତିଷ୍ଠା, ଧାମରାଠାରେ ଲାଇଟ ହାଉସ, ଚାନ୍ଦବାଲିଠାରେ ନାବିକ ପ୍ରଶିକ୍ଷଣ କେନ୍ଦ୍ରର ଡିଜି ସିପିଂଙ୍କ ଅନୁମୋଦନ, ଚୂଡ଼ାମଣିରେ ବନ୍ଦର ଓ ଲାଇଟ ହାଉସ ପ୍ରତିଷ୍ଠା ପାଇଁ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଗୁରୁବାର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ସଂସଦୀୟ କାର୍ଯ୍ୟାଳୟଠାରେ ଭେଟି ଦାବି ରଖିଛନ୍ତି। ଅନ୍ତର୍ଦ୍ଦେଶୀୟ ଜଳପଥର ବିକାଶ ପାଇଁ ଭାରତ ସରକାର ଜାତୀୟ ଜଳପଥ ଅଧିନିୟମ-୨୦୧୬ ପ୍ରଣୟନ କରିଛନ୍ତି, ଯେଉଁଥିରେ ୧୧୧ଟି ଜଳପଥକୁ ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ଓଡ଼ିଶାରେ ୬ଟି ରହିଛି। ୨୦୦୮ରେ ଓଡ଼ିଶାର ପ୍ରାୟ ୫୮୮ କିଲୋମିଟର ପରିବ୍ୟାପ୍ତ ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ବିସ୍ତାରିତ ନଦୀ ପ୍ରଣାଳୀ ଯଥା ବ୍ରାହ୍ମଣୀ-ଖରସୁଆ-ମନ୍ତେଇ ଓ କୋଷ୍ଟ କେନାଲ, ଗୋଏନଖାଲିରୁ ଚାରବାଟିଆ ପର୍ଯ୍ୟନ୍ତ ବିସ୍ତାରିତ ପୂର୍ବତଟ କେନାଲ, ଚାରବାଟିଆରୁ-ଧାମରା ପର୍ଯ୍ୟନ୍ତ ମନ୍ତେଇ ନଦୀ ଏବଂ ମହାନଦୀର ତ୍ରିକୋଣ ଭୂମିକୁ ଜାତୀୟ ଜଳପଥ-୫ ଭାବେ ଘୋଷଣା କରିଥିଲେ। ୨୦୧୪ ଜୁନ୍ ୩୦ରେ ପଙ୍କପାଳରୁ ଧାମରା (୨୦୧ କିଲୋମିଟର) ଏବଂ ପାରାଦୀପ ବନ୍ଦର (୧୩୧ କିଲୋମିଟର) ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ବିକାଶ ପାଇଁ ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ, ଓଡ଼ିଶା ସରକାର, ପାରାଦୀପ ପୋର୍ଟ ଟ୍ରଷ୍ଟ ଏବଂ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଜାତୀୟ ଜଳପଥ-୫ର ଅନ୍ୟ ସ୍ଥାନରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ସ୍ଥଳେ ଓଡ଼ିଶା କୋଷ୍ଟ କେନାଲର କୌଣସି କାର୍ଯ୍ୟ ଆରମ୍ଭ ହେଉ ନ ଥିବା ଏମ୍‌ପି ମଣ୍ଡଳ କହିଛନ୍ତି।



ଏମ୍‌ପି ମଞ୍ଜୁଲତା ମଣ୍ଡଳ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ପରିଚୟ ବହନ କରିଥିବା କୋଷ୍ଟ କେନାଲ ରକ୍ଷଣାବେକ୍ଷଣ ଅଭାବରୁ ଏବେ ସ୍ଥିତି ହରାଇ ବସିଛି। କାଳକ୍ରମେ ଏହା ପୋତି ହୋଇ ନଷ୍ଟ ହୋଇଯାଇଛି। ଦିନ ଥିଲା ଏହି କୋଷ୍ଟ କେନାଲରୁ ଜଳସେଚନ କରାଯାଇ କୃଷିକ୍ଷେତ୍ରକୁ ଶସ୍ୟଶ୍ୟାମଳା କରାଯାଉଥିଲା। ଏହି କେନାଲ ଜଳକୁ କୃଷି କ୍ଷେତ୍ରରେ ଅଧିକ ବିନିଯୋଗ ଲାଗି ଉଭୟ ପାର୍ଶ୍ୱରେ ପବନଚାଳିତ ପାଣିପମ୍ପ କାର୍ଯ୍ୟକାରୀ କରାଯାଇଥିଲା। ସେସବୁ ଏବେ ଅଚଳ ହୋଇପଡ଼ିଛି। କୃଷି ଏବଂ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏହି କୋଷ୍ଟକେନାଲ ଲୋକଙ୍କର ମୁଖ୍ୟ ପଥ ଥିଲା। ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ନସରାବାଦରୁ ଏହି କୋଷ୍ଟ କେନାଲ ୨୧୪ କି.ମି. ବ୍ୟାପ୍ତ ଭଦ୍ରକ ସଂସଦୀୟ କ୍ଷେତ୍ରର ସୋରୋ, ସିମୁଳିଆ, ବାସୁଦେବପୁର, ଚାନ୍ଦବାଲି ସହ ଯାଜପୁର ଓ କଟକ ଜିଲାର ନଦୀପଥକୁ ସଂଯୋଗ କରାଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୋଷ୍ଟ କେନାଲର ରକ୍ଷଣାବେକ୍ଷଣ ପାଇଁ ଦୃଷ୍ଟି ଦେଉ ନ ଥିବାରୁ ଏହା ପୋତିହୋଇ ସ୍ଥିତି ହରାଇ ବସିଛି। ଏହାର ପୁନରୁଦ୍ଧାର ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶରେ ସହାୟକ ହେବା ସହ ବାଣିଜ୍ୟ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ, ଭଦ୍ରକ ସଂସଦୀୟ କ୍ଷେତ୍ରରେ ଉପକୂଳ ଅଞ୍ଚଳର ଶିକ୍ଷିତ ଓ ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଏମ୍‌ପି ମଣ୍ଡଳ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ ସମୟରେ ଏମ୍‌ପିଙ୍କ ସହିତ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉପସ୍ଥିତ ଥିଲେ।

## ବୋଲେରୋ ଧକ୍କାରେ ବୃଦ୍ଧ ମୃତ

ହାଟଡିହୀ,୧୧।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ସୁଲଣ ପଞ୍ଚାୟତ ବିରିଡ଼ି ଗ୍ରାମର ବିନୋଦ ପାଣି(୬୦)ଙ୍କର ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ରାଖୀ ପୂର୍ଣ୍ଣମୀ ଅବସରରେ ସେ ନିଜ ଝିଅ ଘର ଗୁହାଳିଆ ଗ୍ରାମକୁ ଯାଉଥିବା ବେଳେ ଛେନାପଦି ବଜାରରେ ମିଠା କିଣିବା ପାଇଁ ଠିଆ ହୋଇଥିଲେ। ଏହି ସମୟରେ ଆନନ୍ଦପୁରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ହାଟଡିହୀ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ନେଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ହାଟଡିହୀ ବ୍ଲକ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ବୋଲି ଆଲୋଚନା ହେଉଛି।

# 'ମଣିଷ ସମୟର ଦାସ ନ ହେଉ'



ଅମୃତାୟନ ଚିନ୍ତନ ଶିବିରରେ ଉପସ୍ଥିତ ଅତିଥି।

## ଅମୃତାୟନ ଚିନ୍ତନ ଶିବିର

ବାରିପଦା ଅଫିସ,୧୧।୮

ବାରିପଦାସ୍ଥିତ ମୟୂରଭଞ୍ଜ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ଗୁରୁବାର ମାନବ ଉର୍ଜ୍ଜା ଓ ଅମୃତାୟନ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବ ଧର୍ମ ସମ୍ପ୍ରଦାୟର ସଞ୍ଚାଳକ, ଖବରଦାତା ଓ ସାହିତ୍ୟାନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୧୯୮୦ରେ ଭୂମିପୁତ୍ର ସମ୍ମାନରେ ସମ୍ମାନୀତ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଉପସ୍ଥିତ ରହି ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ସହ ନୈତିକ ସଂଶୋଧନ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ସେ କହିଥିଲେ ଯେ, ଯେଉଁମାନେ ସାମାଜିକ ଗଣତନ୍ତ୍ରର ରକ୍ଷାକବଚ ସେମାନେ ସମୟର ଦାସ ନ ହୋଇ ବିବେକର ଦାସ ହେବା ଏକାନ୍ତ ଆବଶ୍ୟକ। ସେହିପରି ଉଚ୍ଚ ପଦପଦବୀ ପାଇ ବୃତ୍ତିକୁ ବ୍ରତ ବୋଲି ନ ମାନିଲେ ଅବସର ପରେ ସମାଜରେ ସେମାନଙ୍କ ସତ୍ତା ରହିବ ନାହିଁ ବୋଲି ହୃଦବୋଧ ହେଉ ଏବଂ ଘରକରଣାରେ ପୁଅ, ବୋହୁଙ୍କ ଡେଣା ଲାଗିଯିବା ପରେ ପିତାମାତାଙ୍କୁ ନିଃସଙ୍ଗ କରିବା ଠିକ୍ ନୁହେଁ ବୋଲି ଦିଗ୍‌ଦର୍ଶନ ଦେଇଥିଲେ। ସମିତିର ଉପଦେଷ୍ଟା ଡା.କୈଳାସ ଚନ୍ଦ୍ର ମହାନ୍ତି, ବରିଷ୍ଠ ଖବରଦାତା ଡ.ବିଜୟ କୁମାର ଅଗ୍ରୱାଲ, ମନୋଜ କୁମାର ପଣ୍ଡା, ଦୀପକ କୁମାର ନାୟକ, ବଟକୃଷ୍ଣ ବିହାରୀ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ସୁକାନ୍ତ ଜୀଉ ଓ ଆକାଶବାଣୀ ବାରିପଦାର ଉପସ୍ଥାପକ ସତ୍ୟାନନ୍ଦ ଶେଜପଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସର୍ବଧର୍ମ ସମ୍ପ୍ରଦାୟ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଉମା ଭଉଣୀ, ଅନୁକୁଳ ଆଶ୍ରମର ଶଙ୍କର୍ଷଣ ସାହୁ, ସ୍ୱାମୀ ବିବେକାନନ୍ଦ କେନ୍ଦ୍ରର ଶିବଶଙ୍କର ଗିରି, ଗାୟତ୍ରୀ ପରିବାରର ଅଶୋକ କୁମାର ମହାପାତ୍ର, ଶିଖପନ୍ଥ ହରଚରଣ ସିଂହଜୀଙ୍କ ସମେତ ସାହିତ୍ୟ ସଙ୍ଗଠନର ପୁରୋଧା ଶରତ ଚନ୍ଦ୍ର ନାୟକ, ଭାସ୍ୱତୀ ବାରିକ, ପୂର୍ଣ୍ଣମାସୀ ସଂସ୍ଥାନର ସଭାପତି ଡ.ଜଗତବନ୍ଧୁ ଆଚାର୍ଯ୍ୟ, ବିଚାରପତି ନରେନ୍ଦ୍ର କୁମାର ପ୍ରଧାନ, ଡ.ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ୧୭ଜଣ ପ୍ରତିଭାଙ୍କୁ ଅଭ୍ୟର୍ଥନା ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଜ୍ଞା ସ୍ୱୀକାରୋକ୍ତି ସନନ୍ଦ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମିତିର ସଂଯୋଜକ ଡ.ରଣଜିତ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ମାନବଧର୍ମ ଚାରୁଚିତ୍ର ପୁସ୍ତିକା ବଣ୍ଟନ କରିଥିଲେ।

## ଗଛର ସୁରକ୍ଷା ପାଇଁ ଶପଥ

ପାଟଣା,୧୧।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସାମାଜିକ ଉନ୍ନୟନ ସଂସ୍ଥା ପକ୍ଷରୁ ଗୁରୁବାର ରାକ୍ଷୀ ପୂର୍ଣ୍ଣିମା ଅବସରରେ ତୁରୁମୁଙ୍ଗା ଥାନା ନିକଟ ତ୍ରିବିନ୍ଧା ଶିବ ମନ୍ଦିର ପରିସରରେ ଭିନ୍ନଢଙ୍ଗରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ଏଥି ସହ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଛି। ଗଛରେ ରାଖୀ ବାନ୍ଧି ଏହାର ସୁରକ୍ଷା ଓ ଯତ୍ନ ନେବାକୁ ଶପଥ ନେଇଛନ୍ତି ସାମଜିକ ଉନ୍ନୟନ ସଙ୍ଗଠନର କର୍ମକର୍ତ୍ତାମାନେ। କାର୍ଯ୍ୟକ୍ରମରେ ସଂସ୍ଥାର ଆବାହକ ସନ୍ତୋଷ ବାରିକଙ୍କ ସହ ସଦସ୍ୟ ଗୋପୀନାଥ ସାହୁ, ବଳଭଦ୍ର ନାଏକ, ରମେଶ ଚନ୍ଦ୍ର ନାୟକ, ଭକ୍ତବନ୍ଧୁ ବେହେରା, ଏମ.ଡି. ଇମତିଆଜ ହୁସେନ, ଦୀପେନ୍ଦ୍ର ସାହୁ, ସୁମନ୍ତ ବେହେରା, ଲିଟୁ ପାତ୍ର, ଗୋପାଳ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନରେ ଜାତୀୟ ପତାକା ବାଣ୍ଟିଲେ



ନୂଆଗାଁ ହୁଡିସାହି ବାସିନ୍ଦାଙ୍କ ଗହଣରେ ଛାତ୍ର ସୌମ୍ୟ ରଞ୍ଜନ ଦାସ।

ଚମ୍ପୁଆ, ୧୧।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ କୈରାଲି ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ଛାତ୍ର ସୌମ୍ୟ ରଞ୍ଜନ ଦାସ ଗୁରୁବାର ନିଜ ଜନ୍ମଦିନକୁ ନିଆରା ଢଙ୍ଗର ପାଳନ କରିଛନ୍ତି। ଆଦିବାସୀ ଅଧୁଷିତ ଅଞ୍ଚଳ ନୂଆଗାଁ ହୁଡିସାହିରେ ଜନ୍ମଦିନ ପାଳି ଲୋକଙ୍କ ଆର୍ଶୀବାଦ ଭିକ୍ଷା କରିଛନ୍ତି। ଚମ୍ପୁଆ ସଦରମହକୁମା ଧଳାଡିହ ଗ୍ରାମର ମହେଶ୍ୱର ଦାସଙ୍କ ପୁଅ ସୌମ୍ୟରଞ୍ଜନ ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ଚାଲିଥିବାରୁ ଶିକ୍ଷାବିତ୍ ରମାକାନ୍ତ ପ୍ରଧାନ, ପ୍ରଧାନଶିକ୍ଷକ ଧରଣୀଧର ଦାସ ଓ ବୁଦ୍ଧିଜୀବୀ ଗଙ୍ଗାଧର କରଙ୍କ ପ୍ରେରଣାରେ ଜନ୍ମଦିନ ଅବସରରେ ହୁଡିସାହିରେ ଜାତୀୟ ପତାକା ବାଣ୍ଟିବା ସହ ଚାରାରୋପଣ କରି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମିଠା ଖୁଆଇଥିଲେ। ଅମୃତ ମହୋତ୍ସବ ପାଳନ ପୂର୍ବକ ହୁଡିସାହି ବାସିନ୍ଦା ନିଜ ଘରେ ଜାତୀୟ ପତାକା ଲଗାଇବାକୁ ସେ ଅନୁରୋଧ କରିଥିଲେ। ଏହାସହ ଗ୍ରାମର ମଧଭାଗରେ ସେ ଅଶୋକ ଗଛ ଲଗାଇଛନ୍ତି। କ୍ରିଷ୍ଣା ମୁଣ୍ଡା, ଶାନ୍ତନୁ କୁମାର ଦାସ, ସୁରେନ୍ଦ୍ର ସାହୁ, ଓଁକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତଙ୍କ ସମସ୍ୟା ବୁଝିଲେ ବିଧାୟକ

ପଦ୍ମପୁର, ୧୧।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଲିମୁଣ୍ଡାଠାରେ ନିର୍ମାଣାଧୀନ ଏୟାରଷ୍ଟ୍ରିପଠାରେ ବିଭିନ୍ନ ଦାବି ନେଇ ବିସ୍ଥାପିତଙ୍କ ଧାରଣା ଅଷ୍ଟମ ଦିନରେ ପହଞ୍ଚିଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ବୁଧବାର ଅପରାହ୍ନରେ ବାଲିମୁଣ୍ଡାଠାରେ ପହଞ୍ଚି ସେମାନଙ୍କର ବିଭିନ୍ନ ଦାବି ବିଷୟରେ ପଚାରି ବୁଝିଥିଲେ। ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୋଜିତ କରିବା, ଅଞ୍ଚଳର ଟ୍ରକ୍ ଓ ଟ୍ରାକ୍ଟରଗୁଡ଼ିକୁ ପରିବହନ କାର୍ଯ୍ୟରେ ନିଯୋଜିତ କରିବା, ବାସହରା ପରିବାରକୁ ୧୦ ଡିସିମିଲ ଜାଗା ସହ ୧ ଲକ୍ଷ ଟଙ୍କା ଓ ଆବାସ ଗୃହ ପ୍ରଦାନ, ଚାଷଜମିରୁ ଜଳ ନିଷ୍କାସନ ଆଦି ବିସ୍ଥାପିତମାନଙ୍କର ପ୍ରମୁଖ ଦାବି ରହିଛି। ଏନେଇ ଜିଲାପାଳ ଓ କମ୍ପାନୀ ସହ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ବିସ୍ଥାପିତମାନଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ବିଷ୍ଣୁବ୍ରତ ରାଉତରାୟ।

## ଭଦ୍ରକ କଲେଜ ପଡ଼ିଆରେ ପାଳନ ହେବ ସ୍ୱାଧୀନତା ଦିବସ

ଭଦ୍ରକ ଅଫିସ, ୧୧।୮

ଭଦ୍ରକ କଲେଜ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ନେହେରୁ ଷ୍ଟାଡିୟମ ପଡ଼ିଆରେ ସ୍ୱାଧୀନତା ଦିବସ ପାଳନ ହେବାର କାର୍ଯ୍ୟକ୍ରମ ଥିଲା। ଲଘୁଚାପଜନିତ ବର୍ଷା ଯୋଗୁ ଉକ୍ତ ପଡ଼ିଆରେ ପାଣି ଜମି ରହିଥିବାରୁ ଉତ୍ସବ ପାଳନ ନେଇ ଆଶଙ୍କା ଥିବାରୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନ ପରିବର୍ତ୍ତନ କରାଯାଇଛି। ଭଦ୍ରକ କଲେଜ ଖେଳପଡ଼ିଆରେ ଅସ୍ଥାୟୀ ପତାକା ମଞ୍ଚ ନିର୍ମାଣ ପୂର୍ବକ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ସ୍ୱରାଷ୍ଟ୍ର ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶମତେ ବିନା ପରେଡ୍ ଓ ଜନ ସମାବେଶରେ ସ୍ୱାଧୀନତା ଦିବସ ପାଳନ କରାଯିବ।

## ଆୟୁଷ ହସ୍ପିଟାଲ ଚିକିତ୍ସା ସୁବିଧା ଦାବି

ବାଲେଶ୍ୱର ଅଫିସ, ୧୧।୮

ବାଲେଶ୍ୱର ସହର ସର୍କିଟ୍ ହାଉସ୍‌ଠାରେ ଗୁରୁବାର ଆୟୁଷ ନିର୍ଦ୍ଦେଶକ ଭୂପେଶ ଚନ୍ଦ୍ର ବେହେରାଙ୍କ ସହ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ରେମୁଣାଠାରେ ପ୍ରସ୍ତାବିତ ଆୟୁଷ ହସ୍‌ପିଟାଲ ନିର୍ମାଣର ଟେଣ୍ଡର ପ୍ରକ୍ରିୟା, ଜିଲା ମୁଖ୍ୟ ହସପିଟାଲ୍‌ରେ ଆୟୁଷର ଏକ ଓପିଡି ଖୋଲିବା, ଜିଲାରେ ଏକ ସରକାରୀ ଆୟୁର୍ବେଦିକ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବି ଉପରେ ଆଲୋଚନା କରିଥିଲେ।

ନିର୍ଦ୍ଦେଶକ ବେହେରା ଆୟୁଷର ୫୦ଶଯ୍ୟା ବିଶିଷ୍ଟ ହସପିଟାଲ୍‌ର ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳି ସାରିଥିବାରୁ ଅବିଳମ୍ବେ ଟେଣ୍ଡର ପ୍ରକ୍ରିୟା କରାଯିବ ବୋଲି ପ୍ରତିନିଧିମାନଙ୍କୁ ଜଣାଇଥିଲେ। ରାଜ୍ୟର ସମସ୍ତ ଜିଲା ଚିକିତ୍ସାଳୟ ଆୟୁଷର ଓପିଡି କାର୍ଯ୍ୟକାରୀ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ସେ ଜଣାଇଥିଲେ। ସେହିପରି ଏକ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କ ଦାବି ଉପରେ ସରକାର ନିଷ୍ପତ୍ତି ନେଲେ ଏହା କାର୍ଯ୍ୟକାରୀ କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ବରିଷ୍ଠ ସଦସ୍ୟ ଶଚିନ୍ଦ୍ର ଦାସ, ରବି କୁମାର ପାଣିଗ୍ରାହୀ ଓ ଡା. ପ୍ରଭାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆୟୁଷ ନିର୍ଦ୍ଦେଶକଙ୍କ ସହ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

## ପାଣି ପାଇଁ ହଇରାଣ ୨୦ ପରିବାର

ଭଦ୍ରକ ଅଫିସ, ୧୧।୮

ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ ଠିକ୍ ଭାବେ ଯୋଗାଣ ହୋଇପାରୁ ନ ଥିବାରୁ ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇପାରୁ ନାହାନ୍ତି। ପାଇପ୍‌ରେ ଆସୁଥିବା ଟୋପେ ଟୋପେ ପାଣିକୁ ଘଣ୍ଟା ଘଣ୍ଟା ଧରି ଗ୍ଲାସରେ ଭରି ସଂଗ୍ରହ କରିବାକୁ ପଡୁଛି। ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତର ୪ ନଂ. ୱାର୍ଡ ବଳସାହିରେ। ପାନୀୟଜଳ ପାଇଁ ଉକ୍ତ ସାହିର ୨୦ରୁ ଊର୍ଦ୍ଧ୍ୱ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ଗୋଟିଏ ବି ନଳକୂପ ନାହିଁ। ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ହେଁ ଠିକ୍ ଭାବେ ଯୋଗାଣ ହୋଇପାରୁନି। ୫ବର୍ଷ ହେଲା ଏଠାରେ ଏଭଳି ସମସ୍ୟା ଲାଗି ରହିଛି। ସାହି ବାସିନ୍ଦା ଏନେଇ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ ଏଯାଏ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଏପରିକି ଟ୍ୟାପ୍ ବ୍ୟବସ୍ଥା କରାଯାଇ ନାହିଁ। ଦିନକୁ ଦୁଇଥର ପାଣି ଯୋଗାଣ ହେଉଥିବା ବେଳେ ଅଳ୍ପ ଅଳ୍ପ ବାହାରୁଥିବାରୁ ଦୀର୍ଘ ସମୟ ଅପେକ୍ଷା କରି ସେମାନେ ପାଇପ୍‌ରୁ ପାଣି ସଂଗ୍ରହ କରୁଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ଯୋଜନା ପ୍ରହସନ ପାଲଟିଛି ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ସାହି ବାସିନ୍ଦାଙ୍କ ଲାଗି ପାନୀୟ ଜଳର ସୁବନ୍ଦୋବସ୍ତ କରିବା ପାଇଁ ବଳସାହିର ଯୁବ ସାମାଜିକ କର୍ମୀ ସଞ୍ଜୟ କୁମାର ଦାସ, ରଜତ ଦାସ, ରାମଲାଲ ମହାନ୍ତି, ତୁଷାର ସାହୁ, ରଜତ ରାୟ ପ୍ରମୁଖ ବ୍ଲକ ଅଧକ୍ଷ ଏବଂ ସରପଞ୍ଚଙ୍କୁ ଅନୁରୋଧ କରିଛନ୍ତି। ଏନେଇ ସରପଞ୍ଚ ଅଜୟ ମଲିକ କହିଛନ୍ତି, ପାଇପ୍ ଲାଇନ ଖରାପ ଥିବାରୁ ଲୋକେ ଠିକ୍ ଭାବେ ଆବଶ୍ୟକ ଅନୁଯାୟୀ ପାଣି ପାଇପାରୁ ନାହାନ୍ତି। ଏହାକୁ ମରାମତି କରାଯିବା ସହ ଉକ୍ତ ସାହିରେ ନୂତନ ନଳକୂପ ବସାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଧାମନଗର ବିଡିଓ ଦୁର୍ଗାଚରଣ ମୁର୍ମୁ ଏନେଇ କୌଣସି ଅଭିଯୋଗ ଆସିନାହିଁ, ତେବେ ଅନୁଧ୍ୟାନ କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



ଯୁବତୀ ଓ ମହିଳାମାନେ ପାଇପ୍‌ରୁ ପାଣି ସଂଗ୍ରହ କରୁଛନ୍ତି।

**ଗଛ ପଡ଼ି ଭାଙ୍ଗିଲା ମନ୍ଦିର ନାଟମଣ୍ଡପ**

ରୂପସା,(ଡି.ଏନ.ଏ.)–ବାଲେଶ୍ୱର ଜିଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ଅଧୀନ ହଳଦିଆପଡ଼ା ଗ୍ରାମର କାଳିକା ଦେବୀ ମନ୍ଦିର ନିକଟରେ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ଏକ ବରଗଛ ଲଗାଣ ବର୍ଷାରେ ଉପୁଡ଼ି ପଡ଼ିଛି। ଫଳରେ ମନ୍ଦିରର ନାଟମଣ୍ଡପ ଭାଙ୍ଗିବା ସହିତ ମନ୍ଦିରର ଆସବାବପତ୍ର ନଷ୍ଟ ହୋଇ ଯାଇଛି। ବସ୍ତା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ଏହି ମନ୍ଦିର ଭାଙ୍ଗିଯିବା ଯୋଗୁ ଗ୍ରାମବାସୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା।

# ବିପଦସଙ୍କେତ ଟପିଲା ଜଳକା

**ରୂପସା, ୧୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ଏହି ନଦୀର ଜଳସ୍ତର ଧୀରେ ଧୀରେ ବଢ଼ିବା ସହିତ ଚଳିତବର୍ଷ ପ୍ରଥମଥର ପାଇଁ ବିପଦସଂକେତ ଉପରକୁ ଯାଇଛି। ମଥାନୀଠାରେ ଏହି ନଦୀର ବିପଦସଙ୍କେତ ୫.୫୦ମିଟର ଥିବାବେଳେ ଗୁରୁବାର ୯ଟା ସୁଦ୍ଧା ନଦୀର ଜଳସ୍ତର ୬.୦୫ମିଟରରେ ପହଞ୍ଚିଛି। ଫଳରେ ନଦୀତଳିଆ ଅଞ୍ଚଳରେ ପାଣି ମାଡ଼ିବା ସହିତ ନଦୀ ନିକଟରେ ଥିବା ଚାଷଜମି ସବୁ ଜଳମଗ୍ନ ହୋଇଛି। ବର୍ଷା ଲାଗି ରହିଥିବାରୁ ଏବେ ନଦୀର ଆଖପାଖ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଫଳରେ ସ୍ଥାନୀୟ ଲୋକ ଭୟଭୀତ ହୋଇପଡ଼ିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ମୁତାବିକ ରାତିରେ ଉପରମୁଣ୍ଡରେ ଜୋର ବର୍ଷା ହେଲେ ଜଳକା ନଦୀର ଜଳସ୍ତର ଅଧିକ ବଢ଼ିବା ସହିତ ଏକ ବଡ଼ ବନ୍ୟାର ଆଶଙ୍କା ମଧ୍ୟ ରହିଛି। ରୁଆ ଯାଇଥିବା ଧାନ ଗଛ ସବୁ ପଚି ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କହିବାନୁଯାୟୀ ନଦୀକୂଳ ନିକଟରେ ବସବାସ କରୁଥିବା ଲୋକେ ଭୟଭୀତ ହେବାର କାରଣ ନାହିଁ। ଦୁର୍ବଳ ନଦୀବନ୍ଧ ସବୁ ମରାମତି କରାଯାଇଛି। ବନ୍ୟା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିବା ସେ ସୂଚନା ଦେଇଛନ୍ତି।



ବିପଦସଙ୍କେତ ଉପରେ ଜଳକା ନଦୀରେ ବର୍ଷା ଜଳ ପ୍ରବାହିତ ହେଉଛି।

# ଫୁଲୁଛି ବୁଢ଼ାବଳଙ୍ଗ, ବନ୍ୟା ଆଶଙ୍କା

**ବାଲେଶ୍ୱର ଅଫିସ, ୧୧।୮**



ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପାଣି।

ବାଲେଶ୍ୱର ଜିଲାରେ ଗତ ୪ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ମୁଖ୍ୟତଃ ବୁଢ଼ାବଳଙ୍ଗ ଓ ଜଳକା ନଦୀରେ ଜଳସ୍ତର କ୍ରମାଗତ ବୃଦ୍ଧି ପାଉଥିବାରୁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ସ୍ଥିର ଥିବା ଜଣାପଡ଼ିଛି।

ଗୁରୁବାର ସନ୍ଧ୍ୟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀରେ ବିପଦସଙ୍କେତ ୮.୧୩ ମିଟର ରହିଥିବା ବେଳେ ୬.୭୨ମିଟରରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀରେ ବିପଦସଙ୍କେତ ୧୦.୩୬ମିଟର ରହିଥିବା ବେଳେ ୪.୨୭ ଓ ଜଳକା ନଦୀରେ ବିପଦ ସଙ୍କେତ ୫.୫୦ମିଟର ରହିଥିବା ବେଳେ ୫.୩୮ମିଟରରେ ପ୍ରବାହିତ ହେଉଛି। ବନ୍ୟା ଆଶଙ୍କା ନେଇ ନଦୀକୂଳିଆ ଲୋକେ ଚିନ୍ତାରେ ଅଛନ୍ତି। ବୁଢ଼ାବଳଙ୍ଗ ଓ ସୋନ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଉଥିବାରୁ ବନ୍ୟା ଆଶଙ୍କା ଦେଖାଦେଇଛି। ଫଳରେ ରେମୁଣା ବ୍ଲକ ଅଧୀନ ତଳି ଅଞ୍ଚଳ ନିଜାମପୁର, ମନ୍ଦାରପୁର, ଦୁର୍ଗାଦେବୀ, ବଡ଼ପାଳ, ଦହପଡ଼ା, ସିନ୍ଧିଆ, ବଇଁଚା ପଞ୍ଚାୟତର ବିଭିନ୍ନ ଗାଁ ଏବଂ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ସଦର ବ୍ଲକ ଅଧୀନ ଚାନ୍ଦିପୁର, ଶ୍ରୀକୋଣା, ଗୁଡୁପାହି ଆଦି ଅଞ୍ଚଳରେ ଦୁର୍ବଳ ବନ୍ଧଗୁଡ଼ିକ ଭାଙ୍ଗିଯାଇଥିବାରୁ କେତେଜଣ ମାଛଚାଷୀଙ୍କ ମାଛ ବର୍ଷା ଜଳରେ ଭାସି ଯାଇଥିବା ଅଭିଯୋଗ କରିଛନ୍ତି। ବିଶେଷକରି ଚିଙ୍ଗୁଡ଼ି ଚାଷୀ ଅଧିକ ପ୍ରଭାବିତ ହୋଇଛନ୍ତି। ସେହିପରି ଜଳକା ନଦୀର ଜଳସ୍ତର ବିପଦସଙ୍କେତ ପାଖାପାଖି ଥିବାରୁ ବସ୍ତା ବ୍ଲକ ଅଧୀନ ମଥାନୀ, ଦୁଧହଂସା, ବାହାର୍ଦ୍ଦା ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ରାସ୍ତା, ଚାଷଜମି, ନଦୀକୂଳିଆ ଅଞ୍ଚଳରେ ପାଣି ପଶିବା ଫଳରେ ଶତାଧିକ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

ବୁଧବାର ପୂର୍ବାହ୍ନ ୮ଟାରୁ ଗୁରୁବାର ପୂର୍ବାହ୍ନ ୮ଟା ପର୍ଯ୍ୟନ୍ତ ହୋଇଥିବା ବର୍ଷା ରେକର୍ଡ଼ ଅନୁଯାୟୀ ଭୋଗରାଇ ବ୍ଲକରେ ୫୪ମି.ମି., ବସ୍ତା ବ୍ଲକରେ ୨୮ ମି.ମି., ଜଳେଶ୍ୱର ବ୍ଲକ ୫୭ମି.ମି., ବାଲିଆପାଳ ବ୍ଲକରେ ୨୩ମି.ମି., ସଦର ବ୍ଲକରେ ୨୯ମି.ମି., ରେମୁଣା ବ୍ଲକରେ ୩୬ ମି.ମି., ନୀଳଗିରି ବ୍ଲକରେ ୩୫ମି.ମି., ସୋର ବ୍ଲକରେ ୫୮ମି.ମି., ବାହାନଗା ବ୍ଲକରେ ୫୧ମି.ମି., ସିମୁଳିଆ ବ୍ଲକରେ ୪୧ମି.ମି., ଖଇରା ବ୍ଲକରେ ୭୯ମି.ମି., ଔପଦା ବ୍ଲକରେ ୭୧ମି.ମି. ବର୍ଷା ହୋଇଛି। ଜିଲାରେ ଗତ ୨୪ ଘଣ୍ଟାରେ ମୋଟ ୫୬୭ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୪୭.୨୫ ମି.ମି. ହୋଇଥିବା ଜଣାଯାଇଛି।

# କୂଳ ଲଂଘୁଛି ଗଙ୍ଗାହାର

**କୁଆମରା,୧୧।୮(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ଖଡ଼ିକାପଦା ଘାଟ କଲଭର୍ଟ ଉପରେ ବୁଧବାର ଅପରାହ୍ନରେ ୨ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ୪ ଫୁଟ ଉଚ୍ଚରେ ପ୍ରଭାବିତ ହେଉଛି। ଫଳରେ ବୁଧବାର ସନ୍ଧ୍ୟାଠାରୁ କୁଆମରା–ବଡ଼ସାହି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଅଧିକରୁ ଅଧିକ ବନ୍ୟା ଜଳ ଆସି କୂଳ ଲଂଘୁ ଥିବାରୁ ନଦୀ କୂଳିଆବାସୀଙ୍କ ପାଇଁ ବିପଦ ଦେଖାଦେଇଛି। ଖଡ଼ିକାପଦା ଘାଟର ଉପର ମୁଣ୍ଡରେ ଥିବା ଦୋମୁହାଣୀ ନିକଟରେ ପଶୁଦା ପଞ୍ଚାୟତର ଭୋଳପଦା ଓ କୁଆମରା ପଞ୍ଚାୟତର କସିବଣୀ ଗ୍ରାମର ୪୦ ପରିବାର ପାଇଁ ବିପଦ ରହିଛି। ତେବେ ଆଗକୁ ବର୍ଷା ବଢ଼ିଲେ ନାଲୁହା ନଦୀ କୂଳରେ ଥିବା ୬ଟି ଗ୍ରାମ ପ୍ରତି ବିପଦ ରହିବ ବୋଲି ଆଶଙ୍କା କରାଯାଉଛି। ନଦୀରେ ଅଧିକ ବନ୍ୟା ଜଳ ଆସିଲେ ହଜାର ହଜାର ଲୋକ ପ୍ରଭାବିତ ହେବେ। ଗୁରୁବାର ସକାଳଠାରୁ ନାଲୁହା ନଦୀର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଏହି ନଦୀର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମି ଅଧିକାଂଶ ସ୍ଥାନରେ ଜଳମଗ୍ନ ହୋଇ ରହିଥିବା ଦେଖା ଯାଇଛି। ସେହିପରି ସୋନ ଓ ପ୍ରସନ୍ନ ନଦୀରେ ମଧ୍ୟ ବନ୍ୟା ଜଳ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

# ବର୍ଷାରେ ଧୋଇଗଲା ଅସ୍ଥାୟୀ ପୋଲ

- ୨ ଗାଁ ବିଚ୍ଛିନ୍ନ, ୧୫୦ରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ
- ଗ୍ରାମବାସୀ ନେଲେ ବିଦ୍ୟୁତ୍ ଖୁଣ୍ଟର ସହାୟତା

**ବିଶୋଇ,୧୧।୮(ଡି.ଏନ.ଏ)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଭାତଛତ୍ର ପଞ୍ଚାୟତ ଅଧୀନ ମଝିଗାଁ–ରଙ୍ଗାମାଟିଆ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଏକ ଅସ୍ଥାୟୀ ପୋଲ ଧୋଇଯାଇଛି। ଫଳରେ ସାନରଙ୍ଗାମାଟିଆ ଓ ରୁଗଳିଡ଼ିହି ଗାଁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ ହେଉଛନ୍ତି। ଏହି ଗାଁକୁ ଜରୁରୀକାଳୀନ ପରିସ୍ଥିତିରେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯିବା କଷ୍ଟକର ହୋଇପଡ଼ିଛି।

ସୂଚନା ଅନୁଯାୟୀ, ସାନରଙ୍ଗାମାଟିଆ ଓ ରୁଗୁଳିଡ଼ିହି ଗ୍ରାମର ଲୋକେ କୌଣସି ଜରୁରୀ କାମ ପାଇଁ ହେଲେ ୮ରୁ ୧୦ କି.ମି. ବୁଲି ମୁଖ୍ୟ ଦପ୍ତରକୁ ଆସୁଥିବା ଦେଖିବାକୁ ମିଳିଛି। ବୁଧବାର ଏହି ପୋଲ ଭାଙ୍ଗିଯିବା ପରେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ଖୁଣ୍ଟ ପକାଇ ବିପଦ ସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ମାଟି ଓ ବାଲି ପେଚରେ ନିର୍ମିତ ଏହି ଅସ୍ଥାୟୀ ପୋଲ ପ୍ରତ୍ୟେକ ବର୍ଷ ଲଘୁଚାପ ଜନିତ ବର୍ଷା କାରଣରୁ ଧୋଇ ଯାଇଯାଏ। ଗତବର୍ଷ ମଧ୍ୟ ଏହି ପୋଲ ବର୍ଷାରେ ଧୋଇଯିବା କାରଣରୁ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଏମ୍‌ପି ଓ ବିଧାୟକ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହି ସ୍ଥାନରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗ୍ରାମବାସୀ ବିଦ୍ୟୁତ୍ ଖୁଣ୍ଟ ପକାଇ ଯାତାୟାତ ଲାଗି ଚେଷ୍ଟା କରୁଛନ୍ତି।

# ବିପଦସଙ୍କେତ ଛୁଇଁଲା କାଂଶବାଂଶ

**ସିମୁଳିଆ, ୧୧।୮(ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ସିମୁଳିଆରେ ପ୍ରବାହିତ କାଂଶବାଂଶ ନଦୀର ଜଳପତ୍ତନ ବିପଦସଂକେତ ମଧ୍ୟରେ ପ୍ରବାହିତ ହେଉଛି । ଲଗାଣବର୍ଷା ଯୋଗୁ ନଦୀର ଜଳପତ୍ତନ ବୃଦ୍ଧି ପାଇଛି । କାଂଶବାଂଶର ବିପଦସଂକେତ ୭.୫୦୫ମିଟର ଥିବା ବେଳେ ଗୁରୁବାର ସକାଳ ୮ଟା ସୁଦ୍ଧା ଜଳପତ୍ତନ ବିପଦସଂକେତ ଛୁଇଁଥିବା ସାଲନ୍ଦୀ ଜଳସେଚନ ବିଭାଗର ଏସ୍‌ଡିଓ ମନୋଜ କୁମାର ନାୟକ ସୂଚନା ଦେଇଛନ୍ତି।

ବର୍ଷା ଯୋଗୁ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଚାଷ ଜମିଗୁଡ଼ିକ କେତେକାଂଶରେ ବୁଡ଼ି ରହିଛି । ପୂର୍ବରୁ ଶେଷ ହୋଇଥିବା ଧାନତଳି ପାଣିରେ ବୁଡ଼ି ରହିବା ଯୋଗୁ କେତେକାଂଶରେ ଏହା ପଚିଯାଇଛି । ଲଗାଣ ବର୍ଷା ଲାଗି ରହିଲେ କାଂଶବାଂଶ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଅନ୍ୟ ସ୍ଥାନରେ ମଧ୍ୟ ଚାଷ ପ୍ରଭାବିତ ହେବ। ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ରାଜପଥ ପାର୍ଶ୍ୱ ନୟନଯୋରିଗୁଡ଼ିକ ପୋତି ହୋଇଯାଇଛି। ଗ୍ରାମାଞ୍ଚଳର ନାଳଗୁଡ଼ିକରୁ ନୟନଯୋରିକୁ ପାଣି ନିଷ୍କାସିତ ହୋଇ ନ ପାରିବାରୁ ଗ୍ରାମାଞ୍ଚଳର ରାସ୍ତା, ଚାଷଜମି ଉପରେ ପାଣି ବୁଡ଼ି ରହିଛି ।

# ବର୍ଷାରେ ଧୋଇଲା ସଂଯୋଗୀ ରାସ୍ତା



ବର୍ଷାରେ ସଂଯୋଗୀ ରାସ୍ତା ଧସିଯାଇଛି।

**ବାଲିଆପାଳ, ୧୧।୮(ସ୍ୱ.ପ୍ର.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲିଆପାଳ ବ୍ଲକ ବୋଲଙ୍ଗ ପଞ୍ଚାୟତ ଦ୍ୱାରିକା ହାଟକୁ ଯିବା ମୁଖ୍ୟ ରାସ୍ତାର କେନାଲ ପୋଲ ପାଖ ରାସ୍ତା ଧୋଇଯାଇଛି। ଫଳରେ ଯାତାୟାତ ଠପ୍ ହୋଇଯାଇଛି।

ଉକ୍ତ ରାସ୍ତା ଦେଇ ବିଭିନ୍ନ ଗ୍ରାମରୁ ଲୋକମାନେ ଦ୍ୱାରିକା ହାଟକୁ ବେପାର ବାଣିଜ୍ୟ କରିବା ସହିତ ନିଜର ଜୀବିକା ନିର୍ବାହ ପାଇଁ ଯା'ଆସ କରନ୍ତି। ପ୍ରବଳ ବର୍ଷା ଯୋଗୁ ଏହି ରାସ୍ତାର କେନାଲ ପୋଲକୁ ସଂଯୋଗ କରୁଥିବା ସ୍ଥାନ ସମ୍ପୂର୍ଣ୍ଣ ଧସି ନଷ୍ଟ ହୋଇଯାଇଛି। ଫଳରେ ବୋଲଙ୍ଗ ପଞ୍ଚାୟତରୁ ଦ୍ୱାରିକା, ମହାନ୍ତି ଛକ, କଷାଫଳ, ଲଙ୍ଗଳେଶ୍ୱର, ବୋଲଙ୍ଗ ଚକକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ପିଇବା ପାଣି ମଧ୍ୟ ଆଣିବାକୁ ଏଠାରେ ଲୋକମାନେ ନଳକୂପକୁ ଯାଇପାରୁନାହାନ୍ତି। ଗାଡ଼ି, ମୋଟରସାଇକେଲ, ସାଇକେଲରେ ଲୋକମାନେ ଯାଇ ପାରୁନାହାନ୍ତି। ବୋଲଙ୍ଗ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି କାର୍ତ୍ତିକ ମଲ୍ଲିକ, ସମିତିସଭ୍ୟା ତପନ ରାଉତ, ବୋଲଙ୍ଗ ପଞ୍ଚାୟତର ବିଜେଡ଼ି ପଞ୍ଚାୟତ ସଭାପତି ଯୋଗେନ୍ଦ୍ର ମହାପାତ୍ର, ପୁଲିନ ବେହେରା, ବାଦଲ ବେହେରା, ବିଦ୍ୟାଧର ସାମଲ, ଗଣେଶ ଦାସ, ଶମ୍ଭୁନାଥ ପାତ୍ର, ଗୌତମ ପାତ୍ର, ତପନ ମହାନ୍ତି, ଭାସ୍କର ବେହେରା, ସୁକୁମାର ସାହୁ, ଚନ୍ଦନ ପାତ୍ର, ବାଗାମ୍ବର ସାହୁ, ବାବୁଧର ସାହୁଙ୍କ ସହିତ ସମସ୍ତ ପଞ୍ଚାୟତବାସୀ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଥରପ୍ୟାଚିଂ କରି ମରାମତି କରିବା ପାଇଁ ଦାବି କରିଛନ୍ତି।

# ଚାଷଜମିରେ ଢେଉ ମାରୁଛି ବନ୍ୟାଜଳ



**ବାହାନଗା,୧୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ୬ଦିନ ଧରି ହେଉଥିବା ଲଘୁଚାପଜନିତ ଲଗାଣ ବର୍ଷା ଫଳରେ କେତେକ ପଞ୍ଚାୟତରେ ଥିବା ହଜାର ହଜାର ଚାଷ ଜମିରେ ବନ୍ୟାଜଳ ଢେଉ ମାରୁଛି। ଯେଉଁଥିପାଇଁ ସମ୍ପୃକ୍ତ ପଞ୍ଚାୟତରେ କ୍ଷତିଗ୍ରସ୍ତ ଜମିର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଏହି ବ୍ଲକରେ ୧୮ହଜାର ୮୦ ହେକ୍ଟର ଚାଷ ଜମି ଅଛି । ତେବେ ସ୍ୱଳ୍ପ ବର୍ଷା ହେବା ଫଳରେ ଶ୍ରାବଣ ପର୍ଯ୍ୟନ୍ତ ଚାଷୀମାନେ ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରି ନ ଥିଲେ। ଫଳରେ ଏଇ କିଛି ଦିନ ହେବ ରାଜ୍ୟରେ ଲଘୁଚାପଜନିତ ବର୍ଷା ହେବା ଫଳରେ ଚାଷୀମାନେ ମନଖୁସିରେ ବିଲକୁ ବାହାରିପଡିଛନ୍ତି। ଉପରମୁଣ୍ଡରୁ ତଥା କାଂଶବାଂଶର ବନ୍ୟାଜଳ ଆସି ସମୁଦ୍ର ନ ଯାଇ ଏବେ ବିଲରେ ଢେଉ ମାରୁଛି। ପୂର୍ଣ୍ଣିମା ଥିବାରୁ ବନ୍ୟାଜଳ ସମୁଦ୍ର ଭିତରକୁ ନ ଯାଇ ଜୁଆର ଲୁଣି ପାଣି ସହିତ ଚାଷଜମି ମଧ୍ୟକୁ ପ୍ରବେଶ କରୁଛି। ବାହାନଗା ବ୍ଲକ ଖରାସାହାପୁର ଓ ଚିତ୍ତଳ, କୁରୁଡା ଓ କୁଚିଆକୋଇଲି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିରେ ବନ୍ୟାପାଣି ଓ ସମୁଦ୍ର ଲୁଣି ପାଣି ପ୍ରବେଶ କରି ଜମିରହିଛି । ଧାନଗଛ ସବୁ ବୁଡ଼ିଯାଇଛି । ତେବେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଖରାସାହାପୁର ପଞ୍ଚାୟତର ସମୁଦ୍ର କୂଳବର୍ତ୍ତୀ ଚାଷୀମାନେ। ଚଳିତବର୍ଷ ଶ୍ରାବଣ ସୁଦ୍ଧା ସ୍ୱଳ୍ପ ବର୍ଷା ହୋଇଥିବାରୁ ସରକାରୀ ତଥ୍ୟ ଅନୁଯାଇ ବ୍ଲକ ଶତକଡା ୩୦ଭାଗ ଚାଷଜମିରେ ଏବେ ସୁଦ୍ଧା ଚାଷ ହୋଇଛି । ଅନ୍ୟ ପଞ୍ଚାୟତ ଅପେକ୍ଷା ୪ଟି ପଞ୍ଚାୟତର ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେବେ। ବ୍ଲକର ୧୮ହଜାର ୮୦ହେକ୍ଟର ଚାଷ ଜମି ଥିବା ବେଳେ ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଶତକଡା ୩୦ଭାଗ ଜମିରେ ଚାଷ ହୋଇଛି। ଅର୍ଥାତ ୫ହଜାର ୪୩୪ ହେକ୍ଟର ପାଖାପାଖି ଜମିରେ ଚାଷ ହେଉଥିବା ଜଣାପଡିଛି। ଶ୍ରାବଣ ଭିତରେ ୯୦ଭାଗ ଚାଷୀ ଧାନରୁଆ କାମ ସାରିଦେଇଥାନ୍ତି। ଚଳିତବର୍ଷ ବର୍ଷା ନ ହେବାରୁ ଚାଷୀମାନେ ବିଲ ରୋଇବା ନିମନ୍ତେ ଏପର୍ଯ୍ୟନ୍ତ ଧାନ ତଳି ପକାଇବାରେ ସକ୍ଷମ ହୋଇନାହାନ୍ତି। ତେବେ ବରିପଦା ପଞ୍ଚାୟତ, ଆରୁହାବାଡ ପଞ୍ଚାୟତ, କୁରୁଣିଆ ପଞ୍ଚାୟତ ଗୋପାଳପୁର ପଞ୍ଚାୟତ ସାଉଡୁ ପଞ୍ଚାୟତଗୁଡିକରେ ଚାଷ କାମ ଶ୍ରାବଣ ମାସ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିଲା। ଯେଉଁ ଚାଷୀମାନଙ୍କର ନିଜସ୍ୱ ଭୂତଳ ଜଳ ବୋରିଂ କରିଛନ୍ତି ସେହି ଚାଷୀମାନେ ଆଗୁଆ ପାଣି ମଡେଇ ଚାଷ କାର୍ଯ୍ୟ ସାରିଛନ୍ତି। ନଚେତ୍ ୮୦ ଭାଗ ଚାଷୀ ଲଘୁଚାପ ଜନିତ ବର୍ଷା ହେବା ଫଳରେ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉପରୋକ୍ତ ୪ ପଞ୍ଚାୟତର ଚାଷୀମାନେ ବିଲରେ ବୁଣାବୁଣି କାର୍ଯ୍ୟ ସାରିଥିଲେ ମଧ୍ୟ ଦୀର୍ଘଦିନ ଧରି ବନ୍ୟାପାଣି ଓ ଲୁଣିପାଣି ଜମିରହିବା ଫଳରେ ଧାନଗଛ ସବୁ ପଚିସଢିଗଲାଣି । ବ୍ଲକ ଅତିରିକ୍ତ କୃଷି ଅଧିକାରୀ ରଙ୍ଗନାଥ ପାତ୍ର କହିଛନ୍ତି, ଦୁଇଦିନ ହେବ ଆମେ ତଦନ୍ତ କରି ଏପର୍ଯ୍ୟନ୍ତ ବ୍ଲକର ୩୦ଭାଗ ଚାଷ ହୋଇଥିବା ଜାଣିଥିଲୁ। ବର୍ଷା ଛାଡିବା ପରେ କେତେ କ୍ଷତି ହୋଇଛି ଜାଣିବା ପରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେବୁ ।

# ଶତାଧିକ ଏକର ଧାନ ଫସଲ ନଷ୍ଟ

ବୈଶିଙ୍ଗା,୧୧।୮(ଡି.ଏନ.ଏ.)– ମୟୂରଭଞ୍ଜ ଜଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ସପ୍ତାହ ହେଲା ଲଗାଣ ବର୍ଷା ଯୋଗୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତଳିଆ ଅଞ୍ଚଳରେ ଯେଉଁ ଚାଷୀମାନେ ବର୍ଷା ଋତୁ ଆରମ୍ଭରୁ ଧାନ ଗଛ ପୋତି ଦେଇଥିଲେ ସେହି ସବୁ ଅଞ୍ଚଳ ଜଳମଗ୍ନ ହୋଇ ରହିଥିବା ଲକ୍ଷ୍ୟ କରାଯାଇଛି। ଧାନ ଗଛ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ବୈଶିଙ୍ଗାଠାରୁ କଦଳିଆ, ପଣସିଆ, ଦୁର୍ଗାପୁର, ଗଡ଼ଦେଉଳିଆ ଓ କଳମା ପର୍ଯ୍ୟନ୍ତ ଶତାଧିକ ଏକର ଚାଷଜମି ଜଳମଗ୍ନ ହେବା ଯୋଗୁ କେତେକାଂଶରେ ବାଲିଚର ପଡ଼ିବା ସହିତ ଧାନଗଛ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ଚାଷୀମାନଙ୍କର କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଭାଇଙ୍କ ହାତରେ ରାଖୀ ବାନ୍ଧିଲେ କୁନି ଭଉଣୀ

**ସିମୁଳିଆ,୧୧।୮(ଡି.ଏନ୍.ଏ.):** ଗୁରୁବାର ପୂର୍ବାହ୍ନରେ ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଶୁଭେଚ୍ଛୁ ଭାବେ ଅଭିଭାବିକା କଲ୍ୟାଣୀ ପାଢୀ ଯୋଗଦେଇ ଶିଶୁମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ। ମୁଖ୍ୟବକ୍ତା ରୂପେ ଅଭିଭାବକ ଜଗଦୀଶ ଚନ୍ଦ୍ର ଜେନା ରକ୍ଷାବନ୍ଧନର ମହତ୍ତ୍ୱ ଓ ପ୍ରଭୁ ଶ୍ରୀବଳଦେବଙ୍କ ଜନ୍ମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଭଉଣୀମାନେ ଶିଶୁ ଭାଇଙ୍କ ହାତରେ ରାଖୀ ବାନ୍ଧି ଏହି ଉତ୍ସବ ପାଳନ କରିଥିଲେ। ଆଚାର୍ଯ୍ୟ ପ୍ରତିନିଧି ରାମଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀନକୃଷ୍ଣ ଶିଶୁ ଉଦ୍ୟାନ ଲୋକାର୍ପିତ

ଜଳେଶ୍ୱର, ୧୧।୮(ଡି.ଏନ୍.ଏ.)–ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକାରେ ଏକ ଶିଶୁ ଉଦ୍ୟାନକୁ ପର୍ଯ୍ୟଟନ, ଭାଷା, ସାହିତ୍ୟ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପିତ କରିଛନ୍ତି। ଦୀର୍ଘଦିନରୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଉଦ୍ୟାନକୁ ଦୀନକୃଷ୍ଣ ଶିଶୁ ଉଦ୍ୟାନ ନାମରେ ନାମକରଣ କରାଯାଇଥିବା ପୌରପାଳ ପ୍ରତୀପ କୁମାର ପ୍ରଧାନ କହିଥିଲେ। ଜଳେଶ୍ୱରର ଅନ୍ୟ ୨ଟି ସ୍ଥାନରେ ସ୍ମାର୍ଟ ପାର୍କ ଲାଗି ଟେଣ୍ଡର ହୋଇଥିବା ସେ କହିଥିଲେ। ଜଳେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଦୀନକୃଷ୍ଣ ଶିଶୁ ଉଦ୍ୟାନ ଲାଗି ୨୧ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା କାମିଲା, ଏମ୍‌ପି ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଡ. ରମାକାନ୍ତ ଭଞ୍ଜ, ଡ. ଅଜିତ୍ ମହାନ୍ତି, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ମ୍ୟୁନିସିପାଲଟି କର୍ମଚାରୀ ଓ ସମସ୍ତ ନିର୍ବାଚିତ କାଉନ୍‌ସିଲର ଉପସ୍ଥିତ ଥିଲେ। ଏହି ଉଦ୍ୟାନର ରୂପରେଖ ଶିଳ୍ପ ବିଜ୍ଞାନୀ ଭାସ୍କର ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହୋଇଛି। ମନ୍ତ୍ରୀ ଓ ପୌର ଅଧ୍ୟକ୍ଷ ଉଦ୍ୟାନରେ ଥିବା ଦୀନକୃଷ୍ଣ ଓ ପୂର୍ବତନ ପୌରପାଳ ହିମାଂଶୁ ନନ୍ଦୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଶିଶୁ ଉଦ୍ୟାନ ଲୋକାର୍ପଣ କରାଯାଉଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ୮ ଘର

**ମୋରଡ଼ା/ କୁଆମରା,୧୧।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ୮ଜଣଙ୍କ ଘର ଭାଙ୍ଗି ଯାଇଛି। ମୋରଡ଼ା ବ୍ଲକ ବରକନ୍ଦ ପଞ୍ଚାୟତ ଅନ୍ତର୍ଗତ ଚମ୍ପାଖୁଣ୍ଟା ଗ୍ରାମରେ ବର୍ଷା ପ୍ରଭାବରେ ଗଛ ପଡ଼ିଯିବାରୁ ନାଲୁ ନାଏକ, ଚମ୍ପା ନାଏକ ଏବଂ ଯମୁନା ନାଏକଙ୍କ ଘର ଭାଙ୍ଗିଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ ରଘୁନାଥ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ପଞ୍ଚାୟତ ପକ୍ଷରୁ ଚାଉଳ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ସେହିପରି ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଅନ୍ତର୍ଗତ ଖିରିପଦା ଗ୍ରାମରେ ବୁଧବାର ରାତିରେ ୫ ବାସଗୃହ ଭୁଶୁଡ଼ି ପଡ଼ିଛି। ଜଗବନ୍ଧୁ ଦଳେଇ, ଦମୟନ୍ତୀ ଦଳେଇ, ଗୋପାଳ ଦଳେଇ, ଉର୍ମିଳା ବେହେରିଣିଆ ଓ ସରସ୍ୱତୀ ଦଳେଇଙ୍କ ଚାଳ ଛପର ଘର ଭାଙ୍ଗି ଯାଇଛି। କ୍ଷତିଗ୍ରସ୍ତମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସମିତି ସଭ୍ୟ ଦିବାକର ଦାସ କ୍ଷତିଗ୍ରସ୍ତମାନଙ୍କୁ ଭେଟିଛନ୍ତି।

